# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୧୨.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ମୋନାଲିସା ବେହେରା,
୩. ଶ୍ରୀ ଅପରୂପ ନାରାୟଣ ରାଉତ,
୪. ଶ୍ରୀ ରାମଚନ୍ଦ୍ର ରଣସିଂହ,
୫. ଲାଲ୍‌ମୋହନ ଟୁଡୁ,
୬. ଶ୍ରୀମତୀ ସୁଚିତ୍ରା ପାତ୍ର

ଅଦ୍ୟ ତା ୨୨.୧୨.୨୦୨୨ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବିଦ୍ୟାଳୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଆସୁଅଛି । ରାଜ୍ୟ ସରକାର ଜଣେ ନଗର ଶିକ୍ଷା ଅଧିକାରୀ (City Education Officer)ଙ୍କୁ ଭୁବନେଶ୍ୱର ମହାନଗର ନିଗମରେ ନିଯୁକ୍ତ କରିଛନ୍ତି । କିନ୍ତୁ ସେ ଭୁବନେଶ୍ୱର ମହାନଗର ନିଗମକୁ ଆସୁନାହାଁନ୍ତି, ଷ୍ଟାଣ୍ଡିଂ କମିଟି, କର୍ପୋରେସନ ବୈଠକରେ ଯୋଗ ଦେଉନାହାଁନ୍ତି, ଫଳରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସ୍କୁଲ୍ ସମ୍ବନ୍ଧୀୟ କୌଣସି ସମସ୍ୟା ସମାଧାନ ହୋଇପାରୁନାହିଁ । ତେଣୁ City Education Officer ଙ୍କୁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅଫିସ୍ କାର୍ଯ୍ୟ କରିବା ସହିତ ସ୍କୁଲ୍ ଗୁଡ଼ିକର ସମସ୍ୟା ସମାଧାନ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ବହୁ ସଂଖ୍ୟକ କଳାକାର ଭତା ଦରଖାସ୍ତ ପଡ଼ି ରହିଅଛି, ସେଗୁଡ଼ିକ ଉପରେ ତ୍ୱରିତ ପଦକ୍ଷେପ ନେବାପାଇଁ ନିଗମର District Social Security Officer (DSSO) ଙ୍କୁ ଦାୟିତ୍ୱ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ, ସଭା ଆଦି କାର୍ଯ୍ୟ ପାଇଁ ଏକ ଅଡ଼ିଟୋରିୟମ୍ ଗୃହ ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୨୨.୧୨.୨୦୨୨ ରିଖ